# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

**29 May – 2024**

**News Editor : Tapan Kumar Maharana**

********************************

## ମୁଖ୍ୟ ସମ୍ବାଦ

- ଭାରତ କ୍ଷେପଣାସ୍ତ୍ର ବିଜ୍ଞାନ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ହାସଲ କରିଛି, ବାଲେଶ୍ୱର ବିଜୟ ସଂକଳ୍ପ ସମାବେଶରେ    କହିଲେ ପ୍ରଧାନମନ୍ତ୍ରୀ
- ଆସନ୍ତାକାଲି ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନ ।

- ୬ ଟି ଲୋକସଭା ଆସନ ଏବଂ ୪୨ଟି ବିଧାନସଭା ଆସନ ପାଇଁ ଶନିବାର ଦିନ ହେବ ଭୋଟ

- ଶ୍ରୀକ୍ଷେତ୍ର ପୁରୀରେ ଭଉଁରୀ ଉତ୍ସବ ସହିତ ଚକ, ଅଖ ଡେରା ନୀତି ସମ୍ପନ୍ନ ।

ଏବଂ

- ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ରାଜ୍ୟକୁ ପ୍ରବେଶ କରୁଥିବାରୁ ବୃଦ୍ଧି ପାଉଛି ଦିନ ତାପମାତ୍ରା ।

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟର ପ୍ରଚାର କାର୍ଯ୍ୟ ଆସନ୍ତାକାଲି ସନ୍ଧ୍ୟାରେ ଶେଷ ହେବ। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଛି। ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାରିପଦାର ଛଉପଡ଼ିଆ ଏବଂ ବାଲେଶ୍ୱର ରେମୁଣାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି  ଭାରତ କ୍ଷେପଣାସ୍ତ୍ର ବିଜ୍ଞାନ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ହାସଲ କରିଛି । ଆଗାମୀ ୫ ବର୍ଷ ମଧ୍ୟରେ ଦେଶ ବିକାଶ ପଥରେ ଆଗେଇବ ବୋଲି ଶ୍ରୀ ମୋଦୀ କହିଛନ୍ତି...

**- V/O -**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରଗ୍ରାମର ସିଦ୍ଧମଠ ପଡ଼ିଆଠାରେ ମଧ୍ୟ ଆଜି ଜନସଭାରେ ଯୋଗଦେବେ ।

ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଆଜି ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱରଠାରେ ଆୟୋଜିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେ କହିଛନ୍ତି ଓଡ଼ିଶା ବହୁ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଥିଲେ ମଧ୍ୟ ତା'ର ସଦ୍‌ବିନିଯୋଗ ଅଭାବରୁ ଓଡ଼ିଶାବାସୀଙ୍କର କୌଣସି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ ।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତାକାଲି ବାଲେଶ୍ୱର ଜିଲ୍ଲାର ଶିମୁଳିଆ ଓ ସାନମହତିପୁରରେ  ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ଚତୁର୍ଥ ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଏହି ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ପାଇଁ ୬୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତାକାଲି ଏହି ପର୍ଯ୍ୟାୟର ପ୍ରଚାରର ଶେଷ ଦିନ ।

୪ଟି ପର୍ଯ୍ୟାୟରେ ହେଉଥିବା ବିଧାନସଭା ନିର୍ବାଚନରେ ତିନୋଟି ପର୍ଯ୍ୟାୟ ଶେଷ ହୋଇଛି। ଏହି ୪ଟି ପର୍ଯ୍ୟାୟରେ ୧୪୭ଟି ଆସନ ଲାଗି ୧ ହଜାର ୨୮୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିରେ ଜାତୀୟସ୍ତରୀୟ  ଦଳରୁ ୪୨୮ ଜଣ ଥିବାବେଳେ ରାଜ୍ୟସ୍ତରୀୟ ଦଳରୁ ୨୦୭ ଜଣ  ଅଛନ୍ତି। ସେହିପରି ଅଣ ମାନ୍ୟତା ପ୍ରାପ୍ତ ପଞ୍ଜୀକୃତ ରାଜନୈତିକ ଦଳରୁ ୨୨୫ ଜଣ ନିର୍ବାଚନ ଲଢୁଥିବା ବେଳେ ଚଳିତଥର ୪୨୫ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି।

## ମତଦାନ ହାର

ଦେଶରେ ଗତ ୨୫ ତାରିଖରେ ଅନୁଷ୍ଠିତ ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ମୋଟ୍ ୬୩ ଦଶମିକ ୩/୭ ପ୍ରତିଶତ ମତଦାନ ହୋଇଥିବା ଭାରତର ନିର୍ବାଚନ କମିଶନ କହିଛନ୍ତି । ଏହି ପର୍ଯ୍ୟାୟରେ ପୁରୁଷଙ୍କ ଅପେକ୍ଷା ୩ ପ୍ରତିଶତ ଅଧିକ ମହିଳା ଭୋଟ୍ ଦେଇଛନ୍ତି । ଅପ୍ରେଲ୍ ମାସ ୧୯ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୬ ଦଶମିକ ୧/୪ ପ୍ରତିଶତ ମତଦାନ ହୋଇଥିଲା । ଅପ୍ରେଲ୍ ୨୬ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୬୬ ଦଶମିକ ୭/୧, ମଇ ମାସ ୭ତାରିଖରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୬୫ ଦଶମିକ ୬/୮, ମଇମାସ ୧୩ ତାରିଖରେ ଅନୁଷ୍ଠିତ ଚତୁର୍ଥ ପର୍ଯ୍ୟାୟରେ ୫୯ ଦଶମିକ ୫/୮ ପ୍ରତିଶତା ମତଦାନ ହୋଇଥିଲା । ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ  ଗତ ୨୦ ତାରିଖରେ ଅନୁଷ୍ଠିତ ପଞ୍ଚମ ପର୍ଯ୍ୟାୟ ନିର୍ବାଚନରେ ୬୨ ଦଶମିକ ୨ ପ୍ରତିଶତ ମତଦାନ ହୋଇଛି ବୋଲି ଭାରତର ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି ।

## ଶ୍ରୀକ୍ଷେତ୍ର ଭଉଁରୀ ଉତ୍ସବ

ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ପରମ୍ପରା ଅନୁଯାୟୀ ଆଜି ତିନିରଥର ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଛି । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ଶେଷ ହେବା ପରେ ରଥଖଳାକୁ ମହାପ୍ରଭୁଙ୍କର ଆଜ୍ଞାମାଳ ପୂଜାପଣ୍ଡା

ସେବକମାନେ ବିଜେ କରାଇଥିଲେ । ଭୋଇ ସେବକମାନେ ପୂର୍ବରୁ ନିର୍ମାଣ କରାଯାଇଥିବା ଚକରେ ଅଖ ସଂଯୋଗ କରିଥିଲେ । ଅନ୍ୟପକ୍ଷରେ ଆଜି ବାହାର ଚନ୍ଦନ ଯାତ୍ରାରେ ଭଉଁରୀ ହେତୁ ନରେନ୍ଦ୍ର ସରୋବରରେ ଶ୍ରୀରାମ-କୃଷ୍ଣ ଓ ମଦନମୋହନ, ଲକ୍ଷ୍ମୀ ସରସ୍ୱତୀଙ୍କ ସହ ପଞ୍ଚ ମହାଦେବ ନନ୍ଦା ଓ ଭଦ୍ରାରେ ଅଧିଷ୍ଠିତ ହୋଇ ୨୧ବାର ଚାପକ୍ରୀଡ଼ା କରିବେ ।

## ପ୍ୟାନ୍-ଆଧାର ନମ୍ବର ଲିଙ୍କ

ଚଳିତମାସ ଶେଷ ସୁଦ୍ଧା ପ୍ୟାନ୍ ନମ୍ବର ସହିତ ଆଧାର ନମ୍ବରକୁ ଯୋଡ଼ିବା ପାଇଁ ଆୟକର ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଚଳିତବର୍ଷ ଆୟକର ରିଟର୍ଣ୍ଣ ଦାଖଲର ଶେଷ ତାରିଖ ଜୁଲାଇ ମାସ ୨୧ ତାରିଖ ଧାର୍ଯ୍ୟ କରାଯାଇଛି । ଏହାପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ କରଦାତାଙ୍କୁ ସେମାନଙ୍କର ପ୍ୟାନ୍ ଏବଂ ଆଧାର ନମ୍ବର ଯୋଡ଼ିବା ପାଇଁ ପରାମର୍ଶ ଦେଇଥିଲା । ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହା ଜାନୁଆରୀ ମାସ ୨୯ ତାରିଖ ସୁଦ୍ଧା ଦେଶରେ ୧୧କୋଟି ୪୮ଲକ୍ଷ ପ୍ୟାନ୍ ନମ୍ବର ଆଧାର ନମ୍ବର ସହିତ ସଂଯୋଗ କରାଯାଇନାହିଁ ।

## ବି.ଏଡ୍ ନାମଲେଖା

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବି.ଏଡ୍, ବି.ଏଚ୍.ଏଡ୍ ଏବଂ ଏମ୍.ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଛି ।

ଅନ୍‌ଲାଇନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସାମ୍‌ସ ଓ୍ୱେବ୍‌ସାଇଟ୍ ଜରିଆରେ ଆବେଦନ କରିପାରିବେ । ଆବେଦନ ପ୍ରକ୍ରିୟା ଆସନ୍ତା ମାସ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ବି.ଏଡ୍ ଓ ବି.ଏଚ୍.ଏଡ୍ ପାଠ୍ୟକ୍ରମ ପାଇଁ ଜୁଲାଇ ମାସ ୨୪ ତାରିଖ ଓ ଏମ୍.ଏଡ୍ ପାଠ୍ୟକ୍ରମ ପାଇଁ ଜୁଲାଇ ମାସ ୨୫ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

## ଭୋଟ୍‌ଗଣତି

ଗଜପତି ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ନିର୍ବାଚନର ଭୋଟ୍‌ଗଣତି ପାଇଁ କର୍ମଚାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳଙ୍କ ସମେତ ପାରଳାଖେମୁଣ୍ଡି ଏବଂ ମୋହନା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ପ୍ରମୁଖ ଯୋଗଦେଇ ଭୋଟ୍‌ଗଣତି ପ୍ରକ୍ରିୟା ପାଇଁ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ଗଣତି କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ଲ୍ୟାଣ୍ଡମାଇନ୍ ଉଦ୍ଧାର

କନ୍ଧମାଳ ଜିଲ୍ଲା କୋଟଗଡ ଥାନା ଡେଙ୍ଗାଗୁଡା ଗାଁ ନିକଟସ୍ଥ ଲାସେରୀ ସଂରକ୍ଷିତ ଜଙ୍ଗଲରେ ଏସ୍‌ଓଜି, ସିଆର୍‌ପିଏଫ୍ ଓ ଡିଭିଏଫ୍ ଜବାନମାନଙ୍କ ପକ୍ଷରୁ କମ୍ବିଂ ଅପରେସନ ବେଳେ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ସହିତ ଲ୍ୟାଣ୍ଡମାଇନ୍ ଉଦ୍ଧାର କରାଯାଇଛି । ଅନ୍ୟପକ୍ଷରେ କନ୍ଧମାଳ-

ରାୟଗଡା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ମଧ୍ୟ କମ୍ବିଂ ଅପରେସନକୁ ଜୋର୍‌ଦାର କରାଯିବ ବୋଲି ଜିଲ୍ଲା ଏସ୍‌ପି ସୂଚନା ଦେଇଛନ୍ତି ।

## ଏଭରେଷ୍ଟ ଡେ

ପ୍ରତିବର୍ଷ ଆଜିର ଦିନକୁ ଏଭରେଷ୍ଟ ଡେ ଭାବେ ପାଳନ କରାଯାଉଛି । ୧୯୫୩ ମସିହା ମଇମାସ ୨୯ ତାରିଖ ଦିନ ନେପାଳର ତେନଜିଙ୍ଗ୍ ଏବଂ ନିଉଜିଲ୍ୟାଣ୍ଡର ଏଡ୍‌ମଣ୍ଡ୍ ହିଲାରୀ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବାରେ ସକ୍ଷମ ହୋଇଥିଲେ । ନେପାଳ କ୍ରମାଗତ ଭାବେ ଆନ୍ତର୍ଜାତିକ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରିବାକୁ ମନୋନୀତ ହୋଇଛି । ପାର୍ବତ୍ୟାଞ୍ଚଳବାସୀଙ୍କ ସମସ୍ୟା, ପରିବେଶ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ପର୍ବତ ଆରୋହୀଙ୍କୁ ଉତ୍ସାହିତ କରିବା ପାଇଁ ଆଜି ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେବା କାରଣରୁ ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ତାପମାତ୍ରା ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ନୂଆପଡା ଜିଲ୍ଲାରେ ଆଜି ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି । ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କରେ ଅସହ୍ୟ ତାତି ଯୋଗୁଁ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ଗତକାଲି ସୁବର୍ଣ୍ଣପୁର, ଟିଟିଲାଗଡ ଏବଂ ବୌଦରେ ତାପମାତ୍ରା ୪୫ଡିଗ୍ରୀରୁ ଅଧିକ ଥିଲା ।

ବୃଦ୍ଧିପାଉଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।